# " ମୋର ସାମ୍ବାଦିକ ଗୁରୁ :ନୃସିଂହ ଗୁରୁ"

ଅଧ୍ୟାପକ ସୁବାସ ଚନ୍ଦ୍ର ନାୟକ

୧୯୭୯ ମସିହାର କଥା । ସେ ଦିନ ହଠାତ୍ ସମ୍ବଲପୁର ସରକାରୀ ବସଷ୍ଟାଣ୍ଡରେ ଦେଖାହୁଏ ଜଣେ ଆଣ୍ଠୁଲୁଚୁ ନଥିବା ଧୋତି ପରିହିତ ଗାନ୍ଧୀଙ୍କ ଭ୍ରମ ସୃଷ୍ଟି କରୁଥିବା ଜଣେ ମଣିଷକୁ । କାନ୍ଧରେ ଏକ ଝୁଲା,ଖବର କାଗଜ ଗୋଛାଏ ଏବଂ କିଛି ଖୁଚୁରା ପଇସା । ସମ୍ମୁଖ ଭାଗରେ ତାଙ୍କର ବିରାଟ ଏକ ଗଦା "ସମାଜ" ଏବଂ "ସମାଜ" ସେଟିଂ କରୁଥିବା ଥୋକେ ବାଳକ ।

ମୋ'ର କାହିଁକି କେଜାଣି ଭକ୍ତି ଆସିଗଲା । ନମସ୍କାରଟିଏ ପକାଇ ଖଣ୍ଡିଏ କାଗଜ ମାଗିଲି । ହାତରେ ପଇସା ନାହିଁ,ପଢି ଫେରାଇ ଦେବି । ସେ ଖଣ୍ଡିଏ "ସମାଜ" ବଢାଇ ଦେଇ ମୋ'ର ପରିଚୟ ପଚାରିଲେ । ମୋ' ପରିଚୟ ଦେଇ ମୁଁ ବି ତାଙ୍କୁ ପରିଚୟ ଜିଜ୍ଞାସିଲି । ତା'ପରେ ଜାଣିଲି ସେ ହିଁ ପଶ୍ଚିମ ଓଡିଶାର ଖ୍ୟାତନାମା ସାମ୍ବାଦିକ ନୃସିଂହ ଗୁରୁ ବୋଲି । ମୁଁ କହିଲି ମୋତେ କୁଚିଣ୍ଡାର ପ୍ରତିନିଧିଟିଏ କରିଦେବାକୁ । ସେ ପିଠି ଥାପୁଡାଇ କହିଲେ, "ଏତେ ବଡ ଖବରକାଗଜ "ସମାଜ" ଛୋଟ କୁଚିଣ୍ଡା ପାଇଁ ପ୍ରତିନିଧି ନିଯୁକ୍ତି ଦେବେନାହିଁ । ତମେ ତମ ଅଞ୍ଚଳର ସୁବିଧା-ଅସୁବିଧା,ସଭା-ସମିତି ଖବର ମୋତେ ଲେଖିଦେବ,ମୁଁ ପ୍ରକାଶ କରାଇବି ।" ତା'ପରେ ସେ ରାସ୍ତା ଦେଖାଇ ଦେଲେ ଦୈନିକ "କୋଶଳ" ଆଡେ, କହିଲେ ସେ ତମକୁ କାର୍ଡଟିଏ ଦେଇ ପାରନ୍ତି ।

ତା'ପରେ ଆରମ୍ଭ ହେଲା ଛାୟା ସାମ୍ବାଦିକ ଜୀବନ । ଘରକୁ ଫେରିଆସି ରାହାଟିଏ ପାଇଗଲି । କୁଚିଣ୍ଡାରେ ସେତେବେଳେ ସ୍ୱାଧୀନତା ସଂଗ୍ରାମୀ ଗୌରୀଶଙ୍କର ମହାପାତ୍ର ଏକମାତ୍ର ସାମ୍ବାଦିକ । ସେ ଧରିତ୍ରୀ ଓ କୋଶଳ ପାଇଁ ଲେଖୁଥିଲେ । ଅବଶ୍ୟ ପୂର୍ବରୁ ସେ ପ୍ରଜାତନ୍ତ୍ରରେ ଥିଲେ । ମୁଁ ହେଲି ସମାଜର ସବ୍-ରିପୋର୍ଟର । କାରଣ ନୃସିଂହ ଗୁରୁଙ୍କୁ ଲେଖିଦେବା ପରେ ତାହା ପରିମାର୍ଜିତ ଏବଂ ପୁଣି ଅନୁସନ୍ଧାନ ପରେ ସତ୍ୟ ହେଇଥିଲେ ହିଁ ପ୍ରକାଶ ପାଉଥାଏ । "କୋଶଳକୁ" ଗୌରୀଶଙ୍କର ମହାପାତ୍ର ସମ୍ବାଦ ପଠାଉଥିବାରୁ ମୋ'ର ନିଯୁକ୍ତି ତ ସମ୍ଭବ ହେଲାନି,ବରଂ କିଛି ଲେଖା ଓ ସମ୍ବାଦ ଥରେ ଦି ଥର ସୌଜନ୍ୟତା ଖାତିରରେ ପ୍ରକାଶ ପାଇଲା ମାତ୍ର । ଅବଶ୍ୟ ପରେ "ଅଗ୍ନିଶିଖା" ଦୈନିକ ରୂପେ ପ୍ରକାଶ ପାଇବା ପରେ ମୁଁ ହେଲି ବିଧିବଦ୍ଧ ସାମ୍ବାଦିକ । କିନ୍ତୁ ଏତେ ଦିନ ପର୍ଯ୍ୟନ୍ତ ମୋ'ର ସାମ୍ବାଦିକତାର ତାଲିମ ନୃସିଂହ ଗୁରୁ ହିଁ ଦେଇଥିବାରୁ ସେହିଁ ମୋ'ର ସାମ୍ବାଦିକ ଗୁରୁ-ଏହା ନିଶ୍ଚିତ ।

ଆସନ୍ତୁ ଏବେ ନୃସିଂହ ବାବୁଙ୍କ ସହିତ ଏଇ ସାମ୍ବାଦିକତାକୁ ନେଇ କିଛି ରୋଚକ ସ୍ମୃତିକୁ ରୋମନ୍ଥନ କରିବା । ମୋ'ର ଜଣେ ପ୍ରିୟ ନେତାଙ୍କ ବିବୃତିକୁ ମୁଁ ବାରମ୍ବାର ନେଇ ତାଙ୍କ ପାଖକୁ ଯାଉଥାଏ । ସେ ଥରେ ଝିଙ୍ଗାସି ହୋଇ କହିଲେ, "ଏଇତ ଖାଲି ସବୁଦିନେ ତାଙ୍କ ନାଁ ଛପା ଅକ୍ଷରରେ ଦେଖିବା ଚାହାଁନ୍ତି । ଆଉ ତାଙ୍କର ବିବୃତି ଆଣିବୁ ନାହିଁ ।" ଅବଶ୍ୟ ତାଙ୍କ ଅଭିଯୋଗ ଅନେକ ପର୍ଯ୍ୟାୟରେ ସତଥିଲା । ଠିକ୍ ସେହିପରି ମୋ ନେତୃତ୍ୱରେ ଏକ ବିକ୍ଷୋଭ ଓ ସମାବେଶ କୁଚିଣ୍ଡାରେ ଅନୁଷ୍ଠିତ ହୋଇଯାଇଥାଏ । ମୁଁ ତାଙ୍କୁ ନେଇ ସମ୍ବାଦର ବିବରଣୀ ଦେଲି । ସେ କହିଲେ ଏ ସମ୍ବାଦ ସତ୍ୟ ବୋଲି ପ୍ରମାଣ କଣ ? ମୁଁ ମୋ'ର ଛପା ପ୍ରଚାରପତ୍ର ଦେଲି । ସେ କହିଲେ,ଯେ କେହିବି ଛାପିଦେଇ ଆନ୍ଦୋଳନ ନ କରି ସମ୍ବାଦ ପଠାଇପାରେ । ମୁଁ ଭାବିଲି,ବୁଢା ଆଉରଙ୍ଗଜେବ ପରିକା ଖାଲି ସନ୍ଦେହ କରୁଛି । ସେ ମୋର ମନୋଭାବ ବୋଧହୁଏ ପଢିନେଇଲେ । ମୋ ସମ୍ମୁଖରେ କୁଚିଣ୍ଡା ଥାନାକୁ ଫୋନକରି ସତ୍ୟତା,ମତାମତ,ଲୋକଙ୍କ ସଂଖ୍ୟା ଆଦି ବୁଝି ମୁଁ ଲେଖିଥିବା ସମ୍ବାଦକୁ ପରିବର୍ଦ୍ଧିତ କରି ପଠାଇଦେଲେ । ପରେ ମୁଁ ବୁଝିପାରିଲି ସେ ଥିଲେ ସତ୍ୟର ପୂଜାରୀ । ନିଜର ଅତି ଆପଣାର ଲୋକ ହେଇଥିଲେବି ସତ୍ୟକୁ ଅନୁସନ୍ଧାନ କରି ବରଂ ବିଳମ୍ବ ହେଉ ,ତା'ପରେ ହିଁ କଲମ ଚାଳନା କରୁଥିଲେ ।

ପରେ ମୁଁ କୁଚିଣ୍ଡା ଉପଖଣ୍ଡ ପାଇଁ ଦୈନିକ "ହୀରାଖଣ୍ଡ" "ପ୍ରଗତିବାଦୀ" ର ସାମ୍ବାଦିକ ରୂପେ ନିଯୁକ୍ତି ପାଇଥାଏ । ସାମ୍ବାଦିକ କହିଲେ କୁଚିଣ୍ଡାରେ କେବଳ ମୁଁ ଓ ଗୌରୀଶଙ୍କର ମହାପାତ୍ର । ଉଭୟେ ପୁଣି ମଫସଲର ଗୋଟିଏ ଗ୍ରାମପଞ୍ଚାୟତ କୁଟୁରାଚୁଆଁର । "ଜମନକିରା" ଠାରେ ସମବାୟ ବ୍ୟାଙ୍କର ଉଦଘାଟନ ପାଇଁ ଖଣ୍ଡିଏ ନିମନ୍ତ୍ରଣ ପତ୍ର ପାଇଥାଏଁ । ମୁଁ ଓ ଗୌରୀବାବୁ ଠିକ ସମୟରେ ଯାଇ ପ୍ରେସ୍ ପାଇଁ ଉଦ୍ଦିଷ୍ଟ ଡେସ୍କରେ ବସିଛୁ । କେତେବେଳେ ଯେ,ସମ୍ବଲପୁରରୁ ଗାଡିରୁ ନୃସିଂହ ବାବୁ ଓହ୍ଲାଇ ମୋ'ପାଖରେ ଆସି ବସି ଯାଇଛନ୍ତି ମୁଁ ଜାଣି ପାରିନଥାଏ । ସେ ଦିନର ସଭାରେ ବିଶୃଙ୍ଖଳା ହେଲା ,ମୁଁ "ପ୍ରଗତିବାଦୀ" ପୃଷ୍ଠାରେ କନ୍ଦଳକୁ ମୁଖ୍ୟ ପ୍ରସଙ୍ଗ କରିଥିବା ବେଳେ ନୃସିଂହ ବାବୁ କେବଳ ସଭାର ବିବରଣୀ ଦେଇଥାନ୍ତି । ପରେ ମୁଁ ଏ ସମ୍ପର୍କରେ ତାଙ୍କଠି ଅଭିଯୋଗ ଆଣିବାରୁ ସେ କହିଲେ , "ବାବୁରେ ରଚନାତ୍ମକ ସାମ୍ବାଦିକତା କର ଅଯଥା ଝଗଡାକୁ ବଢାଇ ଲାଭ କଣ ? ସମବାୟ ଆନ୍ଦୋଳନକୁ ବଢାଇବା କଣ ଆମର କର୍ତ୍ତବ୍ୟ ନୁହେଁ ?" ବାସ୍ତବିକ ସେ ଥିଲେ ପ୍ରଥମେ ସମାଜସେବୀ ଏବଂ ପରେ ହିଁ ସାମ୍ବାଦିକ ।

ମୁଁ ସେତେବେଳେ ସ୍ନାତକ ଛାତ୍ର । ଭୋଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ (ଆଶ୍ରମ ସ୍କୁଲର) ତତ୍କାଳୀନ ଜଣେ ମେଧାବୀ ଛାତ୍ର କରୁଣା କିଶାନ (ପରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ) ମୋତେ ତାଙ୍କ ସ୍କୁଲରେ ହେବାକୁ ଥିବା 'ଠକ୍କର ବାପା ଜୟନ୍ତୀ'ରେ ମୁଖ୍ୟବକ୍ତା ରୂପେ ଯୋଗଦେବାକୁ ପ୍ରଧାନ ଶିକ୍ଷକଙ୍କ ନିମନ୍ତ୍ରଣ ପତ୍ର ଧରି ଆସିଥାନ୍ତି । ମୁଁ ପଚାରିଲି ମୁଖ୍ୟଅତିଥି ଓ ଅନ୍ୟ

ଅତିଥିମାନେ କିଏ ? ସେ କହିଲେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ,ହରିଜନ ଆନ୍ଦୋଳନର ନେତା ନୃସିଂହ ଗୁରୁ । ମୁଁ ଭୟ ପାଇଗଲି । ଜଣେ ପ୍ରକୃତ ଦେଶଭକ୍ତ ଏବଂ ଅନେକ ରଚନାତ୍ମକ କାର୍ଯ୍ୟ ଓ ବିପ୍ଳବର ନାୟକ ନୃସିଂହ ଗୁରୁଙ୍କ ସହିତ ମୁଁ ଗୋଟିଏ ମଂଚରେ ଭାଷଣ ଦେବି । ଯଦିଓ ସେତେବେଳେ ମୁଁ ଜଣେ ଛାତ୍ରନେତା,କିନ୍ତୁ ଠକ୍‌କର ବାପାଙ୍କ ସମ୍ବନ୍ଧରେ ପୁଣି ନୃସିଂହ ଗୁରୁଙ୍କ ସମ୍ମୁଖରେ କିଛି କହିବାକୁ କୁନ୍ଥୁ କୁନ୍ଥୁ ହେଉଥାଏ । ମୁଖ୍ୟବକ୍ତା ହୋଇଥିବାରୁ ମୁଖ୍ୟଅତିଥିଙ୍କ ଠାରୁ ଅଧିକବି କହିଛି ।  ଏବେ ନୃସିଂହ ଗୁରୁ ସେତେବେଳେ ସେ ସଭାରେ କଣ କହିଲେ ଠିକ ମନେ ପଡୁନାହିଁ । ତଥାପି ସେ ମୋ' ମୁଣ୍ଡ ଛୁଇଁ ଆଶୀର୍ବାଦ ଛଳରେ ସଭାପରେ କହିଥିବା କଥା - "ଏବେତ ଦେଶ ସ୍ୱାଧୀନ,ତଥାପି ତମେ ଛାତ୍ରନେତା ଓ ସାମ୍ବାଦିକ ବି ,ଗରିବଙ୍କ କଥା ବୁଝିବ ।" ଆଜିବି ମନେ ପଡିଯାଉଛି । କ'ଣ କରୁଛି ବା କରିଛି ତାହାତ ମୁଁ ଆକଳନ କରି ପାରୁନାହିଁ ,କିନ୍ତୁ ମୋ'ର ସାମ୍ବାଦିକ ଗୁରୁ ନୃସିଂହ ଗୁରୁଙ୍କ ଜନ୍ମର ଏକ ଶତ ବର୍ଷ  ପରେ ତାଙ୍କ ସ୍ମୃତି ଓ ଆଦର୍ଶକୁ ଛାତ୍ରଛାତ୍ରୀ,ଯୁବକ ଯୁବତୀ ଓ ସାଧାରଣ ଜନତାଙ୍କ ନିକଟକୁ ପହଞ୍ଚାଇବା ପାଇଁ ପ୍ରଥମେ ଏକ ଆଦର୍ଶ ବିଦ୍ୟାଳୟ 'ହୀରାଧର ଯୁବକ ସଂଘ ଉଚ୍ଚ ବିଦ୍ୟାଳୟ' ଚନ୍ଦନୀମାଳରେ ଧୂମଧାମରେ ପାଳନ କରିବା ପରେ ଅନ୍ୟ ଶିକ୍ଷାନୁଷ୍ଠାନ ଗୁଡିକୁ ସମ୍ପ୍ରସାରିତ କରିବାକୁ ଉଦ୍ୟମ କରୁଛି  କିନ୍ତୁ ଠକ୍‌କର ବାପାଙ୍କ ସହଯୋଗୀ ନୃସିଂହ ଗୁରୁଙ୍କ ହରିଜନ ଆନ୍ଦୋଳନକୁ ଭିନ୍ନ ଭାବରେ ଦଳିତର ଉତ୍‌ଥାନ ଏବଂ ସ୍ୱାଧୀନତା ଆନ୍ଦୋଳନର ଭିନ୍ନ ଏକ ରୂପ,ପଶ୍ଚିମ ଓଡିଶା ମୁକ୍ତି ଆନ୍ଦୋଳନକୁ ଆଗେଇ ନେବାରେ ସଫଳ ହେବାହିଁ ସେଇ "ପଶ୍ଚିମ ଓଡିଶାର ଗାନ୍ଧୀ" ଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ।

ଅଧ୍ୟକ୍ଷ କୁଟ୍ରୁଚୁଆଁ ମହାବିଦ୍ୟାଳୟ
ଗ୍ରା./ପୋ.-ସାତକମା,କୁଚିଣ୍ଡା
ସମ୍ବଲପୁର,୭୬୮୨୨୨